ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍

ANNAPURNA FINANCE
GROWING TOGETHER

ସୁନା ଓ ରୁପା ବନ୍ଧକ ଆଧାରରେ ଋଣ ପ୍ରଦାନ

କମ୍ପାନୀ, ସମୟ୍ ସମୟ୍‌ରେ ସଂଶୋଧିତ ହୋଇଥିବା 'ସୁନା ଏବଂ ରୁପା ବନ୍ଧକ ଆଧାରରେ ଋଣ ପ୍ରଦାନ' ସମ୍ବନ୍ଧୀୟ୍ ଭାରତୀୟ୍ ରିଜର୍ଭ୍ ବ୍ୟାଙ୍କ (ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀଗୁଡ଼ିକ – ଦାୟିତ୍ୱବାନ ବ୍ୟାବସାୟିକ ଆଚରଣ) ନିର୍ଦ୍ଦେଶାବଳୀ, ୨୦୨୫ ନଭେମ୍ବର ୨୮, ୨୦୨୫ର ଆରବିଆଇ ନିର୍ଦ୍ଦେଶାବଳୀ କ୍ରମାଙ୍କ RBI/DOR/2025-26/362 DOR.MCS.REC.No.281/01-01-039/2025-26ରେ ଉଲ୍ଲେଖ ଥିବା ନିର୍ଦ୍ଦେଶଗୁଡ଼ିକର ଅନୁପାଳନ କରୁଛି ।

- ☑ କମ୍ପାନୀ ଯୋଗ୍ୟ ବନ୍ଧକ ସୁନା ଏବଂ ରୁପାର ଶୁଦ୍ଧ ଓଜନ ନିରୂପଣ କରିବା ପାଇଁ ଆପଣାଇଥିବା ପଦ୍ଧତି ଏବଂ ଏଲଟିଭି ଅନୁପାତ ନିର୍ଦ୍ଧାରଣ ନିମନ୍ତେ ଉକ୍ତ ସୁନା ଏବଂ ରୁପାର ମୂଲ୍ୟାଙ୍କନ ପାଇଁ ବ୍ୟବହୃତ ମୂଲ୍ୟ ନିଜ ୱେବସାଇଟ୍ରେ ପ୍ରଦର୍ଶିତ କରିବ ।
- ☑ ଋଣ ଚୁକ୍ତିନାମାରେ ଜାମିନ ସ୍ୱରୂପ ନିଆଯାଇଥିବା ଯୋଗ୍ୟ ବନ୍ଧକ ସମ୍ପତ୍ତିର ବିବରଣୀ, ଉକ୍ତ ବନ୍ଧକ ସମ୍ପତ୍ତିର ମୂଲ୍ୟ, ନିଲାମ ପ୍ରକ୍ରିୟାର ବିବରଣୀ ଏବଂ ଯୋଗ୍ୟ ବନ୍ଧକ ସମ୍ପତ୍ତିର ନିଲାମ ପାଇଁ ଦାୟୀ ପରିସ୍ଥିତିଗୁଡ଼ିକ, ନିଲାମ ପୂର୍ବବର୍ତ୍ତୀ ନୋଟିସ୍ ଅବଧି, ବନ୍ଧକ ସମ୍ପତ୍ତି ମୁକ୍ତ କରିବାର ସମୟ୍‌ସୀମା ଏବଂ ଯଦି କିଛି ବଳକା ରାଶି ଥାଏ, ତାହାର ଫେରସ୍ତ ସମ୍ବନ୍ଧୀୟ୍ ବିଷୟ୍‌ଗୁଡ଼ିକ ଅନ୍ତର୍ଭୁକ୍ତ ରହିବ।
- ☑ ଋଣଗ୍ରହିତାମାନଙ୍କ ଦ୍ୱାରା ଦେୟ୍ ସମସ୍ତ ଶୁଳ୍କ, ଯେଉଁଥିରେ ଶୁଦ୍ଧତା ଯାଞ୍ଚ, ନିଲାମ ଇତ୍ୟାଦି ସମ୍ବନ୍ଧୀୟ୍ ଶୁଳ୍କ ଅନ୍ତର୍ଭୁକ୍ତ, ଋଣ ଚୁକ୍ତିନାମା ଏବଂ କେଏଫଏସରେ ସ୍ପଷ୍ଟଭାବରେ ସାମିଲ କରାଯିବ ।
- ☑ ଯୋଗ୍ୟ ବନ୍ଧକ ସମ୍ପତ୍ତି ଗ୍ରହଣ କରିବା ସମୟ୍‌ରେ କମ୍ପାନୀର ଲେଟରହେଡ୍ ରେ ଏକ ପ୍ରମାଣପତ୍ର କିମ୍ବା ଇ-ପ୍ରମାଣପତ୍ର ଦୁଇଟି ନକଲରେ ପ୍ରସ୍ତୁତ କରାଯିବ।
- ☑ କମ୍ପାନୀ ଋଣର ସମ୍ପୂର୍ଣ୍ଣ ପରିଶୋଧ କିମ୍ବା ସମାଧାନ ହେବା ପରେ ସେହି ଦିନ, କିନ୍ତୁ କୌଣସି ବି ପରିସ୍ଥିତିରେ ସର୍ବାଧିକ ସାତଟି କାର୍ଯ୍ୟଦିବସ ମଧ୍ୟରେ, ବନ୍ଧକ ରଖାଯାଇଥିବା ସମ୍ପତ୍ତି ଫେରସ୍ତ କିମ୍ବା ମୁକ୍ତ କରିବ।
- ☑ କମ୍ପାନୀ ଅନ୍ତତଃ ପକ୍ଷେ ଗୋଟିଏ ଆଞ୍ଚଳିକ ଏବଂ ଗୋଟିଏ ଜାତୀୟ୍ ଦୈନିକ ସମ୍ବାଦପତ୍ରରେ ବିଜ୍ଞାପନ ଜାରି କରି ସର୍ବସାଧାରଣଙ୍କୁ ନିଲାମ ସମ୍ବନ୍ଧରେ ଅବଗତ କରାଇବା ସହିତ ଏକ ସ୍ୱଚ୍ଛ ନିଲାମ ପ୍ରକ୍ରିୟା କାର୍ଯ୍ୟକାରୀ କରିବ ।
- ☑ ଋଣ ଅବଧି ମଧ୍ୟରେ କମ୍ପାନୀ ଦ୍ୱାରା ବନ୍ଧକ ରଖାଯାଇଥିବା ସମ୍ପତ୍ତିର କୌଣସି କ୍ଷତି ହେଲେ, ତାହାର ମରାମତି ଖର୍ଚ୍ଚ କମ୍ପାନୀ ବହନ କରିବ ।
- ☑ ସମ୍ପୂର୍ଣ୍ଣ ପରିଶୋଧ ତାରିଖରୁ ୨ ବର୍ଷରୁ ଅଧିକ ସମୟ୍ ପର୍ଯ୍ୟନ୍ତ ଯଦି ସୁନା ଏବଂ ରୁପା ବନ୍ଧକ ସମ୍ପତ୍ତି ଦାବିହୀନ ହୋଇ ରହେ, ତେବେ ଏହାକୁ ଦାବିହୀନ ବନ୍ଧକ ସମ୍ପତ୍ତି ଭାବେ ଗଣ୍ୟ କରାଯିବ ଏବଂ ସମୀକ୍ଷା ପାଇଁ ବୋର୍ଡର ଗ୍ରାହକ ସେବା କମିଟି ନିକଟରେ ପ୍ରତି ଛଅ ମାସ ବ୍ୟବଧାନରେ ଏହାର ବିବରଣୀ ଉପସ୍ଥାପନ କରାଯିବ ।

ପଞ୍ଜୀକୃତ ଠିକଣା
ପ୍ଲଟ୍ ନମ୍ବର ୧୨୧୫/୧୪୦୧, ଖଣ୍ଡଗିରି ବାରୀ, ଜୟ୍‌ଦେବ ବାଟିକା ସାମ୍ନା,
ଥାନା/ପୋଷ୍ଟ- ଖଣ୍ଡଗିରି, ଭୁବନେଶ୍ୱର, ଓଡ଼ିଶା- ୭୫୧୦୩୦, ଖୋର୍ଦ୍ଧା, ଭାରତ

ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍

ANNAPURNA FINANCE
GROWING TOGETHER

ମାଇକ୍ରୋଫାଇନାନ୍ସ ଋଣ ଗ୍ରହୀତାମାନଙ୍କୁ ଋଣ ପ୍ରଦାନ ପାଇଁ ନ୍ୟାୟପୂର୍ଣ୍ଣ ଅଭ୍ୟାସ ସଂହିତା

ଆମେ ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ ଲିମିଟେଡରେ ଆମର ସମସ୍ତ ଗ୍ରାହକଙ୍କୁ ନ୍ୟାୟପୂର୍ଣ୍ଣ, ନୈତିକ ଏବଂ ନିରପେକ୍ଷ ଭାବରେ ବ୍ୟବହାର କରୁ। ଆରବିଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ ନ୍ୟାୟପୂର୍ଣ୍ଣ ଅଭ୍ୟାସ ସଂହିତା (ଏଫ୍‌ପିସି) ବୋର୍ଡ ସଭାରେ ଉପସ୍ଥାପିତ ହୋଇ ଅନୁମୋଦିତ ହୋଇଛି ଏବଂ ଏହା ସମସ୍ତ କାର୍ଯ୍ୟାଳୟରେ ସ୍ଥାନୀୟ ଭାଷାରେ ପ୍ରଦର୍ଶିତ ହୋଇଛି। ନ୍ୟାୟପୂର୍ଣ୍ଣ ଅଭ୍ୟାସ ସଂହିତା ଦର୍ଶାଏ ଯେ

- ☑ ଋଣଗ୍ରହୀତାଙ୍କ ସହ ସମସ୍ତ ଯୋଗାଯୋଗ ସ୍ଥାନୀୟ ଭାଷାରେ କିମ୍ବା ଋଣଗ୍ରହୀତାଙ୍କ ଦ୍ୱାରା ବୁଝା ଯାଉଥିବା ଭାଷାରେ କରାଯିବ।
- ☑ ଆବେଦନରେ ଋଣଗ୍ରହୀତାଙ୍କ ସ୍ୱାର୍ଥକୁ ପ୍ରଭାବିତ କରୁଥିବା ସମସ୍ତ ସୂଚନା ଯଥା ସ୍କିମ୍ ବିବରଣୀ, ଯୋଗ୍ୟତା ମାନଦଣ୍ଡ, ପରିଶୋଧ ଅବଧି ସୀମା, ଶୁଳ୍କ ଏବଂ ସୁଧ ହାରର ଗଠନ , ଅନୁପାଳନର ମୁଖ୍ୟ ସର୍ତ୍ତାବଳୀ, ଆକସ୍ମିକ ପରିସ୍ଥିତି ଇତ୍ୟାଦି ଅନ୍ତର୍ଭୁକ୍ତ ହେବ।
- ☑ ଆବେଦନ ପତ୍ରରେ ଋଣ ମୂଲ୍ୟାଙ୍କନ ପାଇଁ ଆବଶ୍ୟକ ହେଉଥିବା ଦଲିଲଗୁଡ଼ିକ ବିଷୟରେ ଉଲ୍ଲେଖ ରହିବ।
- ☑ ଆବେଦନ ପତ୍ର ଗ୍ରହଣ କରାଯିବାର ଏକ ରସିଦ ପ୍ରଦାନ କରାଯିବ ଯେଉଁଥିରେ ଋଣ ନିଷ୍ପତ୍ତିର ସମୟସୀମା ଉଲ୍ଲେଖ ରହିବ।
- ☑ ଆଇଆର୍‌ଏସିପି ନିୟମାବଳୀ ଉପରେ ଆରବିଆଇର ସାମ୍ପ୍ରତିକ ମାର୍ଗଦର୍ଶିକା ଅନୁଯାୟୀ, ଋଣର ବାକି ଥିବା ସ୍ଥିତି ଗଣନା କରିବା ପାଇଁ ଋଣ ପରିଶୋଧର ପ୍ରକୃତ ଶେଷ ତାରିଖ, ପରିଶୋଧର ବାରମ୍ବାରତା, ମୂଳଧନ ଏବଂ ସୁଧର ପୃଥକ ବିବରଣୀ ତଥା ଏସ୍‌ଏମ୍‌ଏ/ଏନ୍ ପି ଏ ବର୍ଗୀକରଣ ତାରିଖଗୁଡ଼ିକର ଉଦାହରଣ, ଋଣ ଚୁକ୍ତିନାମା ଏବଂ ମଞ୍ଜୁରୀ ପତ୍ରରେ ଋଣଗ୍ରହିତା ବୁଝିପାରୁଥିବା ଭାଷାରେ ସ୍ପଷ୍ଟଭାବେ ଉଲ୍ଲେଖ କରାଯିବ।
- ☑ କମ୍ପାନୀ ଆରବିଆଇ ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀ ଅନୁଯାୟୀ ପରିବାରଗୁଡ଼ିକୁ ବିନା ବନ୍ଧକରେ ମାଇକ୍ରୋଫାଇନାନ୍ସ ଋଣ ପ୍ରଦାନ କରିଥାଏ। ଏଠାରେ 'ପରିବାର' ଅର୍ଥ ଏକ ବ୍ୟକ୍ତିଗତ ପାରିବାରିକ ୟୁନିଟ୍, ଅର୍ଥାତ୍ ସ୍ୱାମୀ, ସ୍ତ୍ରୀ ଏବଂ ସେମାନଙ୍କର ଅବିବାହିତ ସନ୍ତାନମାନଙ୍କୁ ବୁଝାଇବ।
- ☑ ଗ୍ରାହକଙ୍କ ପରିବାରର ଆୟ ସମ୍ବନ୍ଧୀୟ ସୂଚନା କ୍ରେଡିଟ ଇନଫର୍ମେସନ କମ୍ପାନୀ (ସିଆଇସି) କୁ ଯଥାର୍ଥ ଭାବରେ ଦାଖଲ କରାଯିବା ଆବଶ୍ୟକ।
- ☑ ଋଣ ମଞ୍ଜୁରୀ ବିଚାର କରିବା ସମୟରେ, କମ୍ପାନୀ ସୁନିଶ୍ଚିତ କରେ ଯେ ଗୋଟିଏ ପରିବାରର ମାସିକ ଋଣ ପରିଶୋଧର ସମୁଦାୟ ଖର୍ଚ୍ଚ ତାହାର ସମୁଦାୟ ମାସିକ ପରିବାର ଆୟର ୫୦% ରୁ ଅଧିକ ହେବ ନାହିଁ।
- ☑ ମାସିକ ଋଣ ପରିଶୋଧର ଦାୟିତ୍ୱ ଗଣନା କରିବା ସମୟରେ, କମ୍ପାନୀ ସେହି ପରିବାରର ସମସ୍ତ ବାକି ଥିବା ଋଣ (ବିନା ବନ୍ଧକ ବିଶିଷ୍ଟ ମାଇକ୍ରୋଫାଇନାନ୍ସ ଋଣ ସହିତ ଅନ୍ୟ କୌଣସି ପ୍ରକାରର ବନ୍ଧକ ଥିବା ଋଣ) କୁ ବିଚାରକୁ ନେଇଥାଏ।
- ☑ ସମସ୍ତ ଚାଲୁ ରହିଥିବା ଋଣର ପରିଶୋଧ (ମୂଳଧନ ଏବଂ ସୁଧ ଉଭୟ ଉପାଦାନକୁ ମିଶାଇ) ତଥା ବର୍ତ୍ତମାନ ବିଚାରାଧୀନ ଥିବା ଋଣର କିସ୍ତିକୁ ମଧ୍ୟ ସେହି ମାସିକ ଖର୍ଚ୍ଚ ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବ, ଯାହା ପରିବାରର ମାସିକ ଆୟର ସର୍ବାଧିକ ୫୦% ସୀମା ମଧ୍ୟରେ ସୀମିତ ରହିବ।
- ☑ ଋଣ ପରିଶୋଧ ଯୋଗୁଁ ଯଦି କୌଣସି ପରିବାରର ଚାଲୁ ରହିଥିବା ଋଣର ମାସିକ ଖର୍ଚ୍ଚ ତାହାର ମାସିକ ଆୟର ୫୦% ରୁ ଅଧିକ ଥାଏ, ତେବେ ସେହି ଋଣଗୁଡ଼ିକୁ ସେମାନଙ୍କର ନିର୍ଦ୍ଧାରିତ ଅବଧି ପୂରଣ ହେବା ପର୍ଯ୍ୟନ୍ତ ଚାଲିବାକୁ ଅନୁମତି ଦିଆଯିବ। ଏହି ପରିବାରଗୁଡ଼ିକୁ ଅତିରିକ୍ତ ଋଣ କେବଳ ସେତେବେଳେ ପ୍ରଦାନ କରାଯାଏ ଯେତେବେଳେ ଆବଶ୍ୟକ ସର୍ବାଧିକ ୫୦% ସୀମା ନିୟମ ପୂରଣ ହୋଇପାରୁଥିବ।
- ☑ ଯଦି କୌଣସି ଋଣଗ୍ରହିତା ସେମାନଙ୍କର ଋଣ ଆକାଉଣ୍ଟକୁ ଅନ୍ୟ ଏକ ପ୍ରତିଷ୍ଠାନକୁ ସ୍ଥାନାନ୍ତର କରିବା ପାଇଁ ଅନୁରୋଧ ପତ୍ର ଦାଖଲ କରନ୍ତି, ତେବେ କମ୍ପାନୀ ସେହି ଅନୁରୋଧ ପତ୍ର ପାଇବାର ୨୧ ଦିନ ମଧ୍ୟରେ ନିଜର ସହମତି କିମ୍ବା ଆପତ୍ତି (ଯଦି କିଛି ଥାଏ) ଜଣାଇବ। ଏହିପରି ଯେକୌଣସି ସ୍ଥାନାନ୍ତର ପ୍ରଚଳିତ ଆଇନ ଅନୁଯାୟୀ ସ୍ୱଚ୍ଛ ଚୁକ୍ତିନାମାର ସର୍ତ୍ତାବଳୀ ଦ୍ୱାରା ପରିଚାଳିତ ହେବ।"
- ☑ କମ୍ପାନୀ ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଅନୁମୋଦିତ ଏକ ମାଇକ୍ରୋଫାଇନାନ୍ସ ଋଣ ମୂଲ୍ୟ ନିର୍ଦ୍ଧାରଣ ନୀତି ଅନୁସରଣ କରେ, ଯେଉଁଥିରେ ଅନ୍ୟାନ୍ୟ ବିଷୟଗୁଡ଼ିକ ସହିତ ନିମ୍ନଲିଖିତ ବିଷୟ ଅନ୍ତର୍ଭୁକ୍ତ:
  1. ସର୍ବ-ସମ୍ମିଳିତ ସୁଧ ହାର ନିର୍ଦ୍ଧାରଣ କରିବା ପାଇଁ ଏକ ସୁ-ଦସ୍ତାବିଜୀକୃତ ସୁଧ ହାର ମଡେଲ/ପଦ୍ଧତି।
  2. ବସ୍ତୁନିଷ୍ଠ ମାପଦଣ୍ଡ ଆଧାରରେ ସୁଧ ହାରର ବିଭିନ୍ନ ଉପାଦାନ, ଯଥା— ପାଣ୍ଠିର ମୂଲ୍ୟ, ବିପଦ ପ୍ରିମିୟମ ଏବଂ ଲାଭାଂଶ ମାର୍ଜିନ ଇତ୍ୟାଦିର ପରିମାଣାତ୍ମକ ସୂକ୍ଷ୍ମ ବିଭାଜନ ଓ ସ୍ପଷ୍ଟ ନିରୂପଣ।
  3. ଋଣଗ୍ରହୀତାଙ୍କ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀ ପାଇଁ ପ୍ରତ୍ୟେକ ଉପାଦାନର ବିସ୍ତାରର ପରିସର; ଏବଂ
  4. ମାଇକ୍ରୋଫାଇନାନ୍ସ ଋଣ ପାଇଁ ପ୍ରଯୁଜ୍ୟ ସୁଧ ହାର ଏବଂ ଅନ୍ୟ ସମସ୍ତ ଦେୟ ଉପରେ ଏକ ସୀମା।
- ☑ କମ୍ପାନୀ ଆରବିଆଇ ନିର୍ଦ୍ଦେଶ ନଂ RBI/DOR/2025-26/362 DOR. MCS. REC. No. 281/01-01-039/2025-26 ରେ ଥିବା ନିର୍ଦ୍ଦେଶାବଳୀ ପାଳନ କରୁଛି ଭାରତୀୟ ରିଜର୍ଭ ବ୍ୟାଙ୍କ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀଗୁଡ଼ିକ ପାଇଁ ଦାୟିତ୍ୱବାନ ବ୍ୟାବସାୟିକ ଆଚରଣ ନିର୍ଦ୍ଦେଶାବଳୀ, ୨୦୨୫ 'ଋଣ ଏବଂ ଅଗ୍ରୀମ ପାଇଁ ମୁଖ୍ୟ ତଥ୍ୟ ବିବରଣୀ (କେଏଫଏସ)' ଉପରେ ସମୟ ସମୟରେ ସଂଶୋଧିତ ଅନୁଯାୟୀ।
- ☑ କମ୍ପାନୀ ନିମ୍ନ ଆୟ ପରିବାରମାନଙ୍କ ପାଇଁ ସମସ୍ତ ପ୍ରକାର ଋଣ ପାଇଁ ଋଣର ମୂଲ୍ୟ ନିର୍ଦ୍ଧାରଣର ବିବରଣୀ ଦେଉଥିବା ଫ୍ୟାକ୍ଟସିଟ୍ କିମ୍ବା ମୁଖ୍ୟ ତଥ୍ୟ ବିବରଣୀ (କେଏଫଏସ) ପ୍ରଦାନ ନିଶ୍ଚିତ କରେ।
- ☑ କମ୍ପାନୀ ନିଜର ସମସ୍ତ କାର୍ଯ୍ୟାଳୟରେ, ନିଜ ଦ୍ୱାରା ପ୍ରକାଶିତ ଆଲେଖ୍ୟ (ସୂଚନା ପୁସ୍ତିକା/ପ୍ରଚାରପତ୍ର)ରେ ଏବଂ ନିଜ ୱେବସାଇଟ୍‌ର ବିସ୍ତୃତ ବିବରଣୀରେ ମାଇକ୍ରୋଫାଇନାନ୍ସ ଋଣ ଉପରେ ଧାର୍ଯ୍ୟ କରାଯାଉଥିବା ସର୍ବନିମ୍ନ, ସର୍ବାଧିକ ଏବଂ ହାରାହାରି ସୁଧ ହାର ପ୍ରଦର୍ଶିତ କରିଥାଏ।
- ☑ କମ୍ପାନୀ ଗ୍ରାହକ ଅନୁଯାୟୀ ବିପଦ ଶ୍ରେଣୀକରଣ କରେ। ଏହା ବିଭିନ୍ନ ଶ୍ରେଣୀର ଋଣଗ୍ରହୀତାମାନଙ୍କୁ ବିଭିନ୍ନ ସୁଧ ହାର ଆଦାୟ କରିବାର ଯୁକ୍ତି ପ୍ରଦାନ କରେ ନାହିଁ ଏବଂ କମ୍ପାନୀ ଏମଏଫଆଇ ଗ୍ରାହକମାନଙ୍କ ପାଇଁ ଏକକ ସୁଧ ହାର ଅନୁସରଣ କରେ।
- ☑ କମ୍ପାନୀ ଋଣଗ୍ରହୀତାଙ୍କୁ ଏକ ଋଣ କାର୍ଡ ପ୍ରଦାନ କରିବ ଯାହା ନିମ୍ନଲିଖିତ ବିଷୟଗୁଡ଼ିକୁ ଅନ୍ତର୍ଭୁକ୍ତ କରେ:
  1. ସୂଚନା ଯାହା ଋଣଗ୍ରହୀତାଙ୍କୁ ଯଥେଷ୍ଟ ଭାବରେ ଚିହ୍ନଟ କରେ।
  2. ମୂଲ୍ୟ ନିର୍ଦ୍ଧାରଣ ଉପରେ ସରଳୀକୃତ ତଥ୍ୟପତ୍ର।
  3. ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଋଣ ସହିତ ସଂଲଗ୍ନ।
  4. ପ୍ରାପ୍ତ ହୋଇଥିବା ସମସ୍ତ ଋଣ ପରିଶୋଧର ଶାଖା ଦ୍ୱାରା ପ୍ରାପ୍ତି ସ୍ୱୀକୃତି ଏବଂ ତୃଡ଼ାନ୍ତ ଋଣମୁକ୍ତି ପ୍ରମାଣପତ୍ର।
  5. ନୋଡାଲ ଅଧିକାରୀଙ୍କ ନାମ ଏବଂ ଯୋଗାଯୋଗ ନମ୍ବର ସହିତ ଅଭିଯୋଗ ନିବାରଣ ବ୍ୟବସ୍ଥାର ବିସ୍ତୃତ ବିବରଣୀ।
  6. କୌଣସି ଅଣ-ଋଣ ଉତ୍ପାଦ ଜାରି କରିବା, ଯାହା କେବଳ ଋଣଗ୍ରହିତାଙ୍କ ସମ୍ପୂର୍ଣ୍ଣ ଲିଖିତ ସମ୍ମତି କ୍ରମେ ହେବ, ଏବଂ ସେହିପରି ଉତ୍ପାଦ ପାଇଁ ଧାର୍ଯ୍ୟ ଶୁଳ୍କ ସଂରଚନା।
  7. ଋଣ କାର୍ଡରେ ସମସ୍ତ ଏଣ୍ଟ୍ରି ଋଣଗ୍ରହୀତାଙ୍କ ଦ୍ୱାରା ବୁଝାଯାଉଥିବା ଭାଷାରେ ହେବ।
- ☑ ଆଇନ ଏବଂ ଅନ୍ତର୍ଜାତୀୟ ଚୁକ୍ତିନାମା ଦ୍ୱାରା ଅନିବାର୍ଯ୍ୟ କରାଯାଇଥିବା ଅନୁଯାୟୀ, କର୍ମଚାରୀମାନଙ୍କ ପ୍ରଶିକ୍ଷଣରେ ଭେଦଭାବ-ହୀନତା ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ସମ୍ପର୍କିତ ସମ୍ବେଦନଶୀଳତା ପ୍ରକ୍ରିୟା ଅନ୍ତର୍ଭୁକ୍ତ। ବ୍ୟାବସାୟିକ ସୁବିଧା ଏବଂ ସେବାଗୁଡ଼ିକର ଲାଭ ଉଠାଇବାରେ ଶାରୀରିକ/ଦୃଷ୍ଟି ବାଧିତ ଆବେଦନକାରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ କର୍ମଚାରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯାଇଛି। ଏହିପରି ଆବେଦନକାରୀମାନଙ୍କ ପାଇଁ ଅଭିଯୋଗ ନିବାରଣ ବିଦ୍ୟମାନ ପ୍ରଣାଳୀ ଅଧୀନରେ ସୁନିଶ୍ଚିତ କରାଯାଏ।
- ☑ କମ୍ପାନୀ ଆରବିଆଇ ଦ୍ୱାରା ନିର୍ଦ୍ଧାରିତ କେୱାଇସି ନିର୍ଦ୍ଦେଶାବଳୀର ଅନୁପାଳନ ସୁନିଶ୍ଚିତ କରେ।
- ☑ କମ୍ପାନୀ ଋଣଗ୍ରହୀତାଙ୍କ ଆବଶ୍ୟକତା ଅନୁଯାୟୀ ମାଇକ୍ରୋଫାଇନାନ୍ସ ଋଣ ଉପରେ ପରିଶୋଧ ଅବଧିର ନମନୀୟତା ପ୍ରଦାନ କରେ।
- ☑ ଋଣଗ୍ରହିତାମାନଙ୍କ ପର୍ଯ୍ୟାପ୍ତ ଋଣ ପରିଶୋଧ କ୍ଷମତା ପ୍ରମାଣିତ ହେବା ପରେ ହିଁ ଋଣ ପ୍ରଦାନ କରାଯିବ ଏବଂ ଏହି ଋଣ ଯେପରି ସେମାନଙ୍କୁ ଅତ୍ୟଧିକ ଋଣଗ୍ରସ୍ତତାର ଗୁରୁତର ବିପଦରେ ପକାଇବ ନାହିଁ ତାହା ସୁନିଶ୍ଚିତ କରିବା ପାଇଁ କମ୍ପାନୀ ସମସ୍ତ ଯୁକ୍ତିଯୁକ୍ତ ପଦକ୍ଷେପ ଗ୍ରହଣ କରିଥାଏ।
- ☑ କମ୍ପାନୀ ମାଇକ୍ରୋଫାଇନାନ୍ସ ଋଣଗ୍ରହିତାଙ୍କ ଉପରେ ଧାର୍ଯ୍ୟ କରାଯାଉଥିବା ସମସ୍ତ ଶୁଳ୍କ ବିଷୟରେ ତଥ୍ୟ ବିବରଣୀ ପତ୍ରରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥାଏ। ଫ୍ୟାକ୍ଟସିଟ୍ର ରେ ବିଶେଷ ଭାବରେ ଉଲ୍ଲେଖ ନଥିବା କୌଣସି ଅତିରିକ୍ତ ଶୁଳ୍କ ମାଇକ୍ରୋଫାଇନାନ୍ସ ଋଣଗ୍ରହିତାଙ୍କଠାରୁ ଆଦାୟ କରାଯାଏ ନାହିଁ।
- ☑ ସୁଧ ହାର କିମ୍ବା ଅନ୍ୟ କୌଣସି ସର୍ତ୍ତାବଳୀରେ ପରିବର୍ତ୍ତନ ସମ୍ବନ୍ଧରେ କମ୍ପାନୀ ଋଣଗ୍ରହିତାଙ୍କୁ ଯଥେଷ୍ଟ ପୂର୍ବରୁ ଅବଗତ କରାଇବ ଏବଂ ଏହି ପରିବର୍ତ୍ତନଗୁଡ଼ିକ କେବଳ ଭବିଷ୍ୟତ ତାରିଖରୁ କାର୍ଯ୍ୟକାରୀ ହେବ।
- ☑ କମ୍ପାନୀ ପ୍ରାପ୍ତ ସମସ୍ତ ଦେୟ ପାଇଁ ବୈଧ ରସିଦ ପ୍ରଦାନ କରିବାକୁ ନିଶ୍ଚିତ କରେ।
- ☑ ମାଇକ୍ରୋଫାଇନାନ୍ସ ଋଣ କ୍ଷେତ୍ରରେ ଋଣଗ୍ରହିତାଙ୍କଠାରୁ ଅଗ୍ରୀମ ପରିଶୋଧ କିମ୍ବା ବିଳମ୍ବିତ ପରିଶୋଧ ବାବଦରେ କୌଣସି ଜରିମାନା ଧାର୍ଯ୍ୟ କରାଯାଏ ନାହିଁ ଏବଂ କୌଣସି ସୁରକ୍ଷା ଜମା କିମ୍ବା /ମାର୍ଜିନ ଆଦାୟ କରାଯାଏ ନାହିଁ।
- ☑ ଏଏଫପିଏଲ୍ ନିଜର ସମ୍ପୃକ୍ତ ଶାଖା ମାଧ୍ୟମରେ ନିଜ କର୍ମଚାରୀଙ୍କ ଅସମୀଚୀନ ବ୍ୟବହାର ପାଇଁ ଉତ୍ତରଦାୟୀ ରହିବ ଏବଂ ସମୟସୀମା ମଧ୍ୟରେ ଉପଯୁକ୍ତ ଅଭିଯୋଗ ନିବାରଣ ସୁବିଧା ପ୍ରଦାନ କରିବା ଏହା ଋଣ ଚୁକ୍ତିରେ ମଧ୍ୟ ଉଲ୍ଲେଖ କରାଯାଇଛି।
- ☑ ଋଣଗ୍ରହିତାଙ୍କ ସହିତ ପାରସ୍ପରିକ ସହମତି କ୍ରମେ ନିର୍ଦ୍ଧାରିତ କରାଯାଇଥିବା ଏକ ନିର୍ଦ୍ଦିଷ୍ଟ/କେନ୍ଦ୍ରୀୟ ସ୍ଥାନରେ ହିଁ ଋଣ ଆଦାୟ କାର୍ଯ୍ୟ କରାଯାଇଥାଏ। ଋଣଗ୍ରହିତା କ୍ରମାଗତ ଦୁଇ କିମ୍ବା ଅଧିକ ଥର କେନ୍ଦ୍ରୀୟ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ହେବାରେ ବିଫଳ ହେଲେ ହିଁ କ୍ଷେତ୍ର କର୍ମଚାରୀମାନଙ୍କୁ ସେମାନଙ୍କ ବାସସ୍ଥାନ କିମ୍ବା କାର୍ଯ୍ୟସ୍ଥଳରୁ ଋଣ ଆଦାୟ କରିବାକୁ ଅନୁମତି ଦିଆଯିବ।
- ☑ ସାଧାରଣ ପ୍ରୟୋଗ ଏବଂ ବୁଝାମଣାକୁ ସୀମିତ ନ କରି, ଋଣ ଆଦାୟ ଅଧିକାରୀ ଋଣ ଆଦାୟ ନିମନ୍ତେ କୌଣସି କଠୋର ପଦ୍ଧତି ଗ୍ରହଣ କରିବେ ନାହିଁ, ଯାହାର ବିବରଣୀ ନିମ୍ନରେ ପ୍ରଦାନ କରାଗଲା:
  1. ଧମକପୂର୍ଣ୍ଣ କିମ୍ବା ଅପମାନଜନକ ଭାଷାର ବ୍ୟବହାର
  2. ଋଣଗ୍ରହିତାଙ୍କୁ ବାରମ୍ବାର ଫୋନ୍ କରିବା ଏବଂ/କିମ୍ବା ସକାଳ ୯:୦୦ ଟା ପୂର୍ବରୁ ଏବଂ ସନ୍ଧ୍ୟା ୬:୦୦ ଟା ପରେ ଫୋନ୍ କରିବା
  3. ଋଣଗ୍ରହୀତାଙ୍କ ସମ୍ପର୍କୀୟ, ବନ୍ଧୁ କିମ୍ବା ସହକର୍ମୀଙ୍କୁ ହଇରାଣ କରିବା
  4. ଋଣଗ୍ରହୀତାମାନଙ୍କ ନାମ ପ୍ରକାଶ କରିବା
  5. ଋଣଗ୍ରହିତା କିମ୍ବା ଋଣଗ୍ରହିତାଙ୍କ ପରିବାର/ସମ୍ପତ୍ତି /ସାମାଜିକ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ହିଂସାର ପ୍ରୟୋଗ କିମ୍ବା ପ୍ରୟୋଗର ଧମକ ଦେବା, ଅଥବା ସେହିପରି ଅନ୍ୟ କୌଣସି ଅନୁଚିତ ମାଧ୍ୟମର ବ୍ୟବହାର କରିବା
  6. ଋଣର ପରିମାଣ କିମ୍ବା ଋଣ ପରିଶୋଧ ନ କରିବାର ପରିଣାମ ବିଷୟରେ ଋଣଗ୍ରହିତାଙ୍କୁ ବିଭ୍ରାନ୍ତ କରିବା।
- ☑ ଋଣଗ୍ରହିତାଙ୍କର ପୁନରୁଦ୍ଧାର ଏବଂ କର୍ମଚାରୀଙ୍କ ଆଚରଣଗତ ସମସ୍ୟା ସମ୍ବନ୍ଧରେ କୌଣସି ଅଭିଯୋଗ ଥିଲେ, ସେ ସମାଧାନ ପାଇଁ ଶାଖା ପ୍ରବନ୍ଧକ କିମ୍ବା ଜୋନାଲ ପ୍ରବନ୍ଧକଙ୍କ ନିକଟକୁ ଯାଇପାରିବେ। ଋଣ ମଞ୍ଜୁର ସମୟରେ ଋଣଗ୍ରହିତାଙ୍କୁ କର୍ତ୍ତୃପକ୍ଷଙ୍କ ଯୋଗାଯୋଗ ନମ୍ବର ପ୍ରଦାନ କରାଯିବ।
- ☑ ଆଚରଣ ସଂହିତାର ଅନୁପାଳନ ନ କରିବା କ୍ଷେତ୍ରରେ କ୍ଷେତ୍ର କର୍ମଚାରୀଙ୍କ ଉପରେ ଜରିମାନା ଲାଗୁ କରିବାର ମଧ୍ୟ ବ୍ୟବସ୍ଥା ରହିଛି। କେବଳ କମ୍ପାନୀର କର୍ମଚାରୀମାନଙ୍କୁ ହିଁ ସ୍ପର୍ଶକାତର ସ୍ଥାନରେ ଋଣ ଆଦାୟ ପାଇଁ ନିଯୋଜିତ କରାଯିବ ଏବଂ କୌଣସି ବାହ୍ୟ ସଂସ୍ଥାର ରିକୋଭରୀ ଏଜେଣ୍ଟମାନଙ୍କୁ ବ୍ୟବହାର କରାଯିବ ନାହିଁ।
- ☑ କ୍ଷେତ୍ର କର୍ମଚାରୀଙ୍କ ଆଚରଣ ସଂହିତା ଏବଂ ସେମାନଙ୍କର ନିଯୁକ୍ତି, ପ୍ରଶିକ୍ଷଣ ଏବଂ ତଦାରଖ ପାଇଁ ବ୍ୟବସ୍ଥା ସମ୍ବନ୍ଧରେ କମ୍ପାନୀର ବୋର୍ଡ ଅନୁମୋଦିତ ନୀତି ରହିଛି।
- ☑ କମ୍ପାନୀର ବୋର୍ଡ ଆରବିଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ ନ୍ୟାୟପୂର୍ଣ୍ଣ ଅଭ୍ୟାସ ସଂହିତାର ପାଳନ ଉପରେ ବାର୍ଷିକ ସମୀକ୍ଷା କରିବେ।
- ☑ ଗ୍ରାହକମାନଙ୍କ ସହ କାରବାର କରିବା ସମୟରେ କମ୍ପାନୀ ଉଚ୍ଚ ନୈତିକ ମାନଦଣ୍ଡ ଅନୁପାଳନ କରିଥାଏ ଏବଂ ଗ୍ରାହକମାନଙ୍କ ପ୍ରତି ଦୁର୍ନୀତି କିମ୍ବା ଦୁର୍ବ୍ୟବହାରକୁ ଚିହ୍ନଟ ସହ ସଂଶୋଧନ କରିବା ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିଥାଏ।
- ☑ କମ୍ପାନୀ ବିବାଦର ସମାଧାନ ପାଇଁ ଏବଂ ଏହିପରି ଅଭିଯୋଗଗୁଡ଼ିକ ଏକ ଉଚ୍ଚ ସ୍ତରରେ ସମାଧାନ ଏବଂ ନିଷ୍ପତ୍ତି ହେବା ନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଅନୁମୋଦିତ କମ୍ପାନୀ ମଧ୍ୟରେ ଏକ ଉପଯୁକ୍ତ ଅଭିଯୋଗ ନିବାରଣ ପ୍ରଣାଳୀ (ଜିଆରଏମ୍) ସ୍ଥାପନ କରିଛି।
- ☑ ଆରବିଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ ଜିଆରଏମ୍ ପ୍ରକ୍ରିୟା, ଆମର ପ୍ରତ୍ୟେକ କାର୍ଯ୍ୟାଳୟରେ ସ୍ଥାନୀୟ ଆଞ୍ଚଳିକ ଭାଷାରେ ପ୍ରମୁଖ ଭାବରେ ପ୍ରଦର୍ଶିତ ହୋଇଛି, ଯେଉଁଥିରେ କମ୍ପାନୀର ଅଭିଯୋଗ ନିବାରଣ ଅଧିକାରୀ (ଜିଆରଓ) ଏବଂ ଆରବିଆଇର ଆଞ୍ଚଳିକ କାର୍ଯ୍ୟାଳୟର ଦାୟିତ୍ୱପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ବିବରଣୀ ରହିଛି।
- ☑ ଅଭିଯୋଗ ନିବାରଣ ବ୍ୟବସ୍ଥା ଋଣ ପରିଶୋଧ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଉଥିବା ଋଣଗ୍ରହିତାମାନଙ୍କୁ ମଧ୍ୟ ଚିହ୍ନଟ କରିଥାଏ, ସେହିପରି ଋଣଗ୍ରହିତାମାନଙ୍କ ସହ ଆଲୋଚନା କରିଥାଏ ଏବଂ ସେମାନଙ୍କୁ ଉପଲବ୍ଧ ପ୍ରତିକାରମୂଳକ ବିକଳ୍ପ ସମ୍ପର୍କରେ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରିଥାଏ।
- ☑ କର୍ମଚାରୀଙ୍କ ପ୍ରଶିକ୍ଷଣ ବିଶେଷ ଭାବରେ ନିମ୍ନଲିଖିତ ଦିଗ ଉପରେ ଧ୍ୟାନ ଦେଇଥାଏ।
  1. ଗ୍ରାହକମାନଙ୍କ ପ୍ରତି ଉପଯୁକ୍ତ ଆଚରଣ।
  2. ପରିବାରର ଆୟ ଏବଂ ପରିବାରର ବିଦ୍ୟମାନ ଋଣ ସମ୍ବନ୍ଧରେ ଆବଶ୍ୟକ ଅନୁସନ୍ଧାନର ପଦ୍ଧତି।
  3. ଡକ୍ୟୁମେଣ୍ଟେସନ ଏବଂ ଋଣ ବିତରଣ ପ୍ରକ୍ରିୟା।
  4. କୌଣସି କଠୋର ପଦ୍ଧତି ପ୍ରୟୋଗ ନ କରି ଏବଂ କେବଳ ନିର୍ଦ୍ଧାରିତ ପ୍ରକ୍ରିୟା ମାଧ୍ୟମରେ ଋଣ ଆଦାୟ।
  5. ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଋଣଗ୍ରହିତାମାନଙ୍କର ଅଭିଯୋଗ ରିପୋର୍ଟ କରିବା।
  6. ଏହି ନୀତି ଦଲିଲ ଅନୁଯାୟୀ ସମସ୍ତ ନିୟାମକ ନିର୍ଦ୍ଦେଶାବଳୀର ପାଳନ କରିବା।
- ☑ କର୍ମଚାରୀମାନଙ୍କ ପାଇଁ ପାରିଶ୍ରମିକ ଓ ପ୍ରୋତ୍ସାହନ ପଦ୍ଧତି କେବଳ ସଂଗୃହିତ ଋଣ ସଂଖ୍ୟା ଏବଂ ଋଣ ଆଦାୟ ହାର ଅପେକ୍ଷା ସେବା କ୍ଷେତ୍ର ଏବଂ ଋଣଗ୍ରହିତାଙ୍କ ସନ୍ତୁଷ୍ଟି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଏ।
- ☑ ଆରବିଆଇ ନିର୍ଦ୍ଦେଶାବଳୀର ଅନୁପାଳନ ପାଇଁ କମ୍ପାନୀ ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥାଏ ଏବଂ ଏହି ଅନୁପାଳନ ସୁନିଶ୍ଚିତ କରିବା ନିମନ୍ତେ କମ୍ପାନୀ ମଧ୍ୟରେ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଦାୟିତ୍ୱ ଅର୍ପଣ କରିବା ସହ ଅଡିଟ୍ ଏବଂ ସାମୟିକ ନିରୀକ୍ଷଣ ସମେତ ଆଭ୍ୟନ୍ତରୀଣ ନିୟ

ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍

ANNAPURNA FINANCE
GROWING TOGETHER

ରିଟେଲ୍ ଏବଂ ଏମଏସଏମଇ ଋଣଗ୍ରହିତାମାନଙ୍କ ପାଇଁ ଋଣ ପ୍ରଦାନରେ ନ୍ୟାୟ୍ୟପୂର୍ଣ୍ଣ ଅଭ୍ୟାସ ସଂହିତା

ଉପରେ ଉଲ୍ଲେଖ କରାଯାଇଥିବା ମାଇକ୍ରୋଫାଇନାନ୍ସ ଋଣଗ୍ରହିତାମାନଙ୍କ ପାଇଁ ପ୍ରଯୁଜ୍ୟ ନ୍ୟାୟ୍ୟପୂର୍ଣ୍ଣ ଅଭ୍ୟାସ ସଂହିତା ବ୍ୟତୀତ, ଭାରତୀୟ୍ ରିଜର୍ଭ୍ ବ୍ୟାଙ୍କ (ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀଗୁଡ଼ିକ – ଦାୟି୍ତ୍ୱବାନ ବ୍ୟାବସାୟି୍କ ଆଚରଣ) ନିର୍ଦ୍ଦେଶାବଳୀ, ୨୦୨୫ର ଅଧ୍ୟାୟ। ର ବିଭାଗ B (ରିଟେଲ୍ ଏବଂ ଏମଏସଏମଇ ଋଣଗ୍ରହିତାମାନଙ୍କ ପାଇଁ ପ୍ରମୁଖ ତଥ୍ୟ ବିବରଣୀ ପତ୍ର) ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ନିୟ୍ମାବଳୀର ଅନୁପାଳନ ପୂର୍ବକ, ନିମ୍ନଲିଖିତ ବ୍ୟବସ୍ଥାଗୁଡ଼ିକ କମ୍ପାନୀ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ରିଟେଲ୍ ଏବଂ ସୂକ୍ଷ୍ମ ଓ କ୍ଷୁଦ୍ର ଉଦ୍ୟୋଗ (ଏମଏସଏମଇ) ମିଆଦି ଋଣ ପାଇଁ ଲାଗୁ ହେବ:

- ☑ ଉକ୍ତ ଆରବିଆଇ ନିର୍ଦ୍ଦେଶାବଳୀ, ୨୦୨୫ର ଅନୁସୂଚୀ । ରେ ନିର୍ଦ୍ଧାରିତ ଫର୍ମାଟ୍ ଅନୁଯାୟୀ, କମ୍ପାନୀ ଋଣ ଚୁକ୍ତିନାମା ସମ୍ପାଦନ କରିବା ପୂର୍ବରୁ ସମସ୍ତ ରିଟେଲ୍ ଏବଂ ଏମଏସଏମଇ ମିଆଦି ଋଣଗ୍ରହିତାମାନଙ୍କୁ ଏକ ମାନକୀକୃତ ପ୍ରମୁଖ ତଥ୍ୟ ବିବରଣୀ ପତ୍ର (କେଏଫଏସ) ଜାରି କରିବା କେଏଫଏସ ଋଣର ସମସ୍ତ ମୁଖ୍ୟ ସର୍ତ୍ତାବଳୀର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିବ, ଯେଉଁଥିରେ ବାର୍ଷିକ ପ୍ରତିଶତ ହାର (ଏପିଆର୍), ସମସ୍ତ ଫିସ୍ ଏବଂ ଶୁଳ୍କ, ଆନୁଷଙ୍ଗିକ ଶୁଳ୍କ ଏବଂ ଋଣ ଆଦାୟ୍ ପ୍ରକ୍ରିୟା ଅନ୍ତର୍ଭୁକ୍ତ ରହିବ, ଏବଂ ଏହା ଋଣଗ୍ରହିତା ବୁଝିପାରୁଥିବା ଭାଷାରେ ପ୍ରଦାନ କରାଯିବ।
- ☑ କେଏଫଏସ୍ ଋଣ ଦସ୍ତାବିଜର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବ, ଏବଂ ଋଣଗ୍ରହିତାଙ୍କ ସ୍ପଷ୍ଟ ଲିଖିତ ସମ୍ମତି ବିନା, କେଏଫଏସ ରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଥିବା ଶୁଳ୍କ ବ୍ୟତୀତ ଅନ୍ୟ କୌଣସି ଫିସ୍, ଶୁଳ୍କ କିମ୍ବା ଆଦାୟ୍ ସେମାନଙ୍କ ଉପରେ ଧାର୍ଯ୍ୟ କରାଯାଇପାରିବ ନାହିଁ।
- ☑ ସ୍ଥିର ସୁଧ ହାର ଋଣ ପାଇଁ ଅଗ୍ରୀମ ପରିଶୋଧ ଶୁଳ୍କ, ଯଦି କିଛି ଥାଏ, କମ୍ପାନୀର ବୋର୍ଡ ଦ୍ୱାରା ଅନୁମୋଦିତ ସୁଧ ଏବଂ ଶୁଳ୍କ ନୀତି ଦ୍ୱାରା ପରିଚାଳିତ ହେବ ଏବଂ ଏହାକୁ କେଏଫଏସ ଏବଂ ଋଣ ଚୁକ୍ତିନାମାରେ ସ୍ପଚ୍ଛ ଭାବରେ ପ୍ରକାଶ କରାଯିବ।
- ☑ ରିଟେଲ୍ ଏବଂ ଏମଏସଏମଇ ଋଣଗ୍ରହିତାମାନଙ୍କୁ ପରିଶୋଧ କ୍ଷମତାର ଏକ ଦସ୍ତାବିଜୀକୃତ ଆକଳନ ପରେ ହିଁ ଋଣ ପ୍ରଦାନ କରାଯିବ, ଏବଂ କମ୍ପାନୀ ଏପରି କୌଣସି ଋଣ ପ୍ରଦାନ କାର୍ଯ୍ୟପନ୍ଥାରେ ସାମିଲ ହେବ ନାହିଁ ଯାହା ଋଣଗ୍ରହିତାମାନଙ୍କୁ ଅତ୍ୟଧିକ ଋଣଗ୍ରସ୍ତତାର ଅଯଥା ବିପଦରେ ପକାଇବ।
- ☑ କମ୍ପାନୀ ପ୍ରଯୁଜ୍ୟ ଆରବିଆଇ ନିର୍ଦ୍ଦେଶାବଳୀ ଅଧୀନରେ ନିର୍ଦ୍ଧାରିତ ପଦ୍ଧତି ଏବଂ ସମୟ୍ସୀମା ମଧରେ ସମସ୍ତ ରିଟେଲ୍ ଏବଂ ଏମଏସଏମଇ ଋଣ ସମ୍ବନ୍ଧୀୟ୍ ତଥ୍ୟ କ୍ରେଡିଟ୍ ଇନଫର୍ମେସନ କମ୍ପାନୀଗୁଡ଼ିକୁ (ସିଆଇସି) ରିପୋର୍ଟ କରିବ ଏବଂ ଯେକୌଣସି ଋଣର ପରିଶୋଧ, ପୁନର୍ଗଠନ କିମ୍ବା ସମାପ୍ତି ପରେ ଉକ୍ତ ରିପୋର୍ଟଗୁଡ଼ିକୁ ତୁରନ୍ତ ଅଦ୍ୟତନ କରିବ।
- ☑ ରିଟେଲ୍ ଏବଂ ଏମଏସଏମଇ ଋଣ ଆଦାୟ୍ ନ୍ୟାୟ୍ୟସଙ୍ଗତ ଏବଂ ବଳପ୍ରୟୋଗ-ବିହୀନ ଢଙ୍ଗରେ କରାଯିବ। ମାଇକ୍ରୋଫାଇନାନ୍ସ ଋଣ ପ୍ରଦାନ ପାଇଁ ଏହି ନୀତି ଅଧୀନରେ ନିର୍ଦ୍ଧାରିତ ଆଚରଣ ସଂହିତା, ଆଦାୟ୍ ସମୟ୍, ପ୍ରଶିକ୍ଷଣ ଏବଂ ଅଭିଯୋଗ ନିବାରଣ ମାନଦଣ୍ଡଗୁଡ଼ିକ ରିଟେଲ୍ ଏବଂ ଏମଏସଏମଇ ଋଣଗ୍ରହିତାମାନଙ୍କ ପାଇଁ ଆବଶ୍ୟକ ପରିବର୍ତ୍ତନ ସହ ପ୍ରଯୁଜ୍ୟ ହେବ, କେବଳ ଯେଉଁଠାରେ ନିୟ୍ାମକ ଢାଞ୍ଚା ଏହିପରି ଋଣ ପାଇଁ ଏକ ଭିନ୍ନ ମାନଦଣ୍ଡ ନିର୍ଦ୍ଧାରଣ କରିଥାଏ।
- ☑ ଏହି ନୀତିର ଅନ୍ୟତ୍ର ଉଲ୍ଲେଖ କରାଯାଇଥିବା ଅଭିଯୋଗ ନିବାରଣ ବ୍ୟବସ୍ଥା, ନୋଡାଲ୍ ଅଧିକାରୀଙ୍କ ସମ୍ବନ୍ଧୀୟ୍ ପ୍ରକାଶନ ଏବଂ ରିଜର୍ଭ୍ ବ୍ୟାଙ୍କ-ସମନ୍ୱିତ ଓମ୍ବୁଡ୍ସମ୍ୟାନ ଯୋଜନା ସମ୍ପର୍କିତ ବିବରଣୀ ସମସ୍ତ ରିଟେଲ୍ ଏବଂ ଏମଏସଏମଇ ଋଣଗ୍ରହିତାମାନଙ୍କ ପାଇଁ ସମାନ ଭାବେ ପ୍ରଯୁଜ୍ୟ ହେବ, ଏବଂ ଏହାକୁ କମ୍ପାନୀର କାର୍ଯ୍ୟାଳୟଗୁଡ଼ିକରେ ଓ ଏହାର ୱେବସାଇଟ୍ରେ ଋଣଗ୍ରହିତା ବୁଝିପାରୁଥିବା ଭାଷାରେ ଉପଯୁକ୍ତ ସୂଚନା ଫଳକ ମାଧ୍ୟମରେ ପ୍ରଦର୍ଶିତ କରାଯିବ।

ପଞ୍ଜୀକୃତ ଠିକଣା
ପ୍ଲଟ୍ ନମ୍ବର ୧୨୧୫/୧୪୦୧, ଖଣ୍ଡଗିରି ବାରୀ, ଜୟ୍ଦେବ ବାଟିକା ସାମ୍ନା,
ଥାନା/ପୋଷ୍ଟ- ଖଣ୍ଡଗିରି, ଭୁବନେଶ୍ୱର, ଓଡ଼ିଶା- ୭୫୧୦୩୦, ଖୋର୍ଦ୍ଧା, ଭାରତ

ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍

ANNAPURNA FINANCE
GROWING TOGETHER

ଏନବିଏଫସି ଗୁଡିକ ଦ୍ୱାରା ଋଣ ପ୍ରଦାନ କରାଯାଇଥିବା ଯାନଗୁଡିକର ପୁନଃଦଖଲ ପ୍ରକ୍ରିୟା

ଉକ୍ତ ନିର୍ଦ୍ଦେଶାବଳୀର ଅଧ୍ୟାୟ ର ଅନୁଚ୍ଛେଦ ୨୬ ଏବଂ ୨୭ରୁ ଗୃହୀତ ନିମ୍ନଲିଖିତ ବ୍ୟବସ୍ଥାଗୁଡ଼ିକ ଅନୁଯାୟୀ, କମ୍ପାନୀ ପାଇଁ ଋଣଗ୍ରହିତାଙ୍କ ସହ ସମ୍ପାଦିତ ଚୁକ୍ତିନାମା/ ଋଣ ଚୁକ୍ତିପତ୍ରରେ ଏକ ଅନ୍ତର୍ନିହିତ ପୁନଃଦଖଲ ସର୍ତ୍ତ ରଖିବା ଆବଶ୍ୟକ ଏବଂ ଏହା ସହିତ ନିୟମ ଓ ସର୍ତ୍ତାବଳୀର ଏକ ନକଲ ଋଣଗ୍ରହିତାଙ୍କୁ ଉପଲବ୍ଧ କରାଇବାକୁ ହେବ, ଯାହା ନିମ୍ନଲିଖିତ ବ୍ୟବସ୍ଥାଗୁଡ଼ିକ ସହିତ ଆଇନଗତ ଭାବେ ଲାଗୁ ହେବା ବାଧତାମୂଳକ:

- ☑ ପୁନଃଦଖଲ କରିବା ପୂର୍ବରୁ ନୋଟିସ୍ ଅବଧି
- ☑ ଯେଉଁ ପରିସ୍ଥିତିରେ ନୋଟିସ୍ ଅବଧି ଛାଡ଼ କରାଯାଇପାରିବ;
- ☑ ବନ୍ଧକ ସମ୍ପତ୍ତିକୁ ନିଜ ଦଖଲକୁ ନେବାର ପ୍ରକ୍ରିୟା;
- ☑ ସମ୍ପତ୍ତିର ବିକ୍ରୟ / ନିଲାମ ପ୍ରକ୍ରିୟା ପୂର୍ବରୁ ଋଣ ପରିଶୋଧ କରିବା ପାଇଁ ଋଣଗ୍ରହିତାଙ୍କୁ ଶେଷ ସୁଯୋଗ ପ୍ରଦାନ ସମ୍ବନ୍ଧୀୟ ବ୍ୟବସ୍ଥା;
- ☑ ଋଣଗ୍ରହିତାଙ୍କୁ ପୁନଃ-ଦଖଲ ଫେରସ୍ତ କରିବାର ପ୍ରକ୍ରିୟା; ଏବଂ
- ☑ ସମ୍ପତ୍ତି ରବିକ୍ରୟ / ନିଲାମୀ ପାଇଁ ପଦ୍ଧତି।

ପଞ୍ଜୀକୃତ ଠିକଣା
ପ୍ଲଟ୍ ନମ୍ବର ୧୨୧୫/୧୪୦୧, ଖଣ୍ଡଗିରି ବାରୀ, ଜୟଦେବ ବାଟିକା ସାମ୍ନା,
ଥାନା/ପୋଷ୍ଟ- ଖଣ୍ଡଗିରି, ଭୁବନେଶ୍ୱର, ଓଡ଼ିଶା- ୭୫୧୦୩୦, ଖୋର୍ଦ୍ଧା, ଭାରତ

ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍

ANNAPURNA FINANCE
GROWING TOGETHER

ଋଣ ଆକାଉଣ୍ଟରେ ଦଣ୍ଡାତ୍ମକ ଶୁଳ୍କ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀଗୁଡ଼ିକ – ଦାୟିତ୍ୱବାନ ବ୍ୟାବସାୟିକ ଆଚରଣ) ନିର୍ଦ୍ଦେଶାବଳୀ, ୨୦୨୫ର ଅଧ୍ୟାୟ III ର ଅନୁଚ୍ଛେଦ ୩.୦ ଅଧୀନରେ ଛାଡ଼ କରାଯାଇଥିବା ସେବାଗୁଡ଼ିକୁ ବାଦ୍ ଦେଇ, ନିମ୍ନଲିଖିତ ବ୍ୟବସ୍ଥାଗୁଡ଼ିକ କମ୍ପାନୀ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ଋଣ ସୁବିଧା ପାଇଁ ଲାଗୁ ହେବ :

- ☑ ଋଣଗ୍ରହିତାଙ୍କ ଦ୍ୱାରା ଋଣ ଚୁକ୍ତିନାମାର ଗୁରୁତ୍ୱପୂର୍ଣ୍ଣ ନିୟମ ଓ ସର୍ତ୍ତାବଳୀ ଅନୁପାଳନ ନ କରିବା ଯୋଗୁଁ ଧାର୍ଯ୍ୟ କରାଯାଉଥିବା ଯେକୌଣସି ଜରିମାନାକୁ "ଦଣ୍ଡାତ୍ମକ ଶୁଳ୍କ" ଭାବେ ଗଣ୍ୟ କରାଯିବ ଏବଂ ଏହାକୁ ଅଗ୍ରୀମ ଋଣ ଉପରେ ଧାର୍ଯ୍ୟ ସୁଧ ହାର ସହିତ ଯୋଡ଼ି ଦଣ୍ଡାତ୍ମକ ସୁଧ ଆକାରରେ ଆଦାୟ କରାଯିବ ନାହିଁ।
- ☑ ଜୋରିମାନା ଶୁଳ୍କର କୌଣସି ପୁଞ୍ଜୀକରଣ ହେବ ନାହିଁ; ଏହିପରି ଶୁଳ୍କ ଉପରେ କୌଣସି ଅତିରିକ୍ତ ସୁଧ ଗଣନା କରାଯିବ ନାହିଁ, ଏବଂ ଜୋରିମାନା ଶୁଳ୍କର ପୂର୍ବ ବକେୟା ରାଶି ଉପରେ ଅତିରିକ୍ତ କିମ୍ବା ନୂତନ ଜୋରିମାନା ଶୁଳ୍କ ଆଦାୟ କରାଯିବ ନାହିଁ।
- ☑ ଦଣ୍ଡାତ୍ମକ ଶୁଳ୍କ ଯୁକ୍ତିଯୁକ୍ତ ହେବ ଏବଂ ଋଣ ଚୁକ୍ତିନାମାର ଗୁରୁତ୍ୱପୂର୍ଣ୍ଣ ନିୟମ ଓ ସର୍ତ୍ତାବଳୀର ଅନୁପାଳନ ନ କରିବା ସହ ସମାନୁପାତିକ ହେବ, ଏହା କୌଣସି ନିର୍ଦ୍ଦିଷ୍ଟ ଋଣ / ଉତ୍ପାଦ ବର୍ଗ ମଧ୍ୟରେ ପାତରଅନ୍ତରମୂଳକ ହେବ ନାହିଁ, ଏବଂ ଏହାକୁ ରାଜସ୍ୱ ବୃଦ୍ଧିର ମାଧ୍ୟମ ଭାବେ ବ୍ୟବହାର କରାଯିବ ନାହିଁ। କମ୍ପାନୀ ଦଣ୍ଡନୀୟ ଶୁଳ୍କର ଗଠନ ଏବଂ ପରିମାଣ ନିର୍ଦ୍ଦିଷ୍ଟ କରୁଥିବା ଏକ ବୋର୍ଡ-ଅନୁମୋଦିତ ନୀତି ବଜାୟ ରଖିବ।
- ☑ ବ୍ୟାବସାୟିକ ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟ ପାଇଁ ବ୍ୟକ୍ତିଗତ ଋଣଗ୍ରହିତାମାନଙ୍କ ଉପରେ ପ୍ରଯୁଜ୍ୟ ଦଣ୍ଡାତ୍ମକ ଶୁଳ୍କ, ସମାନ ପ୍ରକାରର ଅନୁପାଳନ ଖିଲାପ ପାଇଁ ଅଣ-ବ୍ୟକ୍ତିଗତ ଋଣଗ୍ରହିତାମାନଙ୍କ ଉପରେ ପ୍ରଯୁଜ୍ୟ ଶୁଳ୍କ ଠାରୁ ଅଧିକ ହେବ ନାହିଁ।
- ☑ ଦଣ୍ଡାତ୍ମକ ଶୁଳ୍କର ପରିମାଣ ଏବଂ କାରଣ ସମ୍ବନ୍ଧରେ ଋଣ ଚୁକ୍ତିନାମା, ଅତି ଗୁରୁତ୍ୱପୂର୍ଣ୍ଣ ନିୟମ ଓ ସର୍ତ୍ତାବଳୀ /ପ୍ରମୁଖ ତଥ୍ୟ ବିବରଣୀ ପତ୍ର (ପ୍ରଯୁଜ୍ୟ ପ୍ରକାରେ) ଏବଂ କମ୍ପାନୀର ୱେବସାଇଟ୍ ରେ ଋଣଗ୍ରହିତାଙ୍କୁ ପୂର୍ବରୁ ସ୍ପଷ୍ଟ ଭାବରେ ପ୍ରକାଶ କରାଯିବା ଅନୁପାଳନ ଖିଲାପ ଜନିତ ସ୍ମାରକପତ୍ର ଏବଂ ଦଣ୍ଡାତ୍ମକ ଶୁଳ୍କର ପ୍ରକୃତ ଧାର୍ଯ୍ୟ ସମ୍ବନ୍ଧୀୟ ସୂଚନାରେ ପ୍ରଯୁଜ୍ୟ ଶୁଳ୍କର ପରିମାଣ ଏବଂ ତାହାର କାରଣ ସ୍ପଷ୍ଟ ଭାବରେ ଜଣାଯିବା ବିଦ୍ୟମାନ ଋଣ ସମ୍ବନ୍ଧରେ, ନୂତନ ଦଣ୍ଡନୀୟ-ଶୁଳ୍କ ବ୍ୟବସ୍ଥାକୁ ପରିବର୍ତ୍ତନ ପରବର୍ତ୍ତୀ ସମୀକ୍ଷା କିମ୍ବା ନବୀକରଣ ତାରିଖରେ କାର୍ଯ୍ୟକାରୀ କରାଯିବ।

ପଞ୍ଜୀକୃତ ଠିକଣା
ପ୍ଲଟ୍ ନମ୍ବର ୧୨୧୫/୧୪୦୧, ଖଣ୍ଡଗିରି ବାରୀ, ଜୟଦେବ ବାଟିକା ସାମ୍ନା,
ଥାନା/ପୋଷ୍ଟ- ଖଣ୍ଡଗିରି, ଭୁବନେଶ୍ୱର, ଓଡ଼ିଶା- ୭୫୧୦୩୦, ଖୋର୍ଦ୍ଧା, ଭାରତ